Prepp
Your Personal Exams Guide

UPSC CSE 2017 MAINS PAPER A NOVEMBER 01, 2017 ORIYA LANGUAGE QUESTION PAPER

# ଓଡ଼ିଆ

( ବାଧ୍ୟତାମୂଳକ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 300 |
|---|---|

**ପ୍ରଶ୍ନପତ୍ର ସଂପର୍କରେ ନିର୍ଦ୍ଦେଶାବଳୀ**

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରତ୍ୟେକଟି ପ୍ରଶ୍ନ/ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି।

ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ। ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ୍ ହୁଏ ତେବେ ନମ୍ବର କମାଯାଇପାରେ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ।

# ODIA

**( Compulsory )**

| Time Allowed : Three Hours | Maximum Marks : 300 |
|---|---|

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions**

All questions are to be attempted.

The number of marks carried by a question/part is indicated against it.

Answers must be written in ODIA (Odia script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.

www.prepp.in

Prepp
Your Personal Exams Guide

**1.** ନିମ୍ନୋକ୍ତ ଯେକୌଣସି **ଗୋଟିଏ** ବିଷୟରେ *600* ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ : 100

*(a)* ଗଣତନ୍ତ୍ରରେ ନ୍ୟାୟପାଳିକାର ଭୂମିକା

*(b)* ପରିବେଶ ଓ ଆତ୍ମନିର୍ଭରଶୀଳତା

*(c)* ବିଶ୍ୱଗ୍ରାମରେ ଭାଷାର ଭୂମିକା

*(d)* ଭାରତୀୟ ଅର୍ଥବ୍ୟବସ୍ଥା ଏବଂ ଏହାର ଆହ୍ୱାନ

**2.** ନିମ୍ନୋକ୍ତ ପରିଚ୍ଛେଦଗୁଡ଼ିକୁ ପାଠକରି ଏହାର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର : 12×5=60

ସମଗ୍ର ପୃଥିବୀବାସୀ ଗାନ୍ଧିଜୀଙ୍କ ପ୍ରତି ଆକର୍ଷିତ ହେବାର କାରଣ ସେ ପଶୁବଳ ପରିବର୍ତ୍ତେ ଆତ୍ମବଳର ପ୍ରସାର କରୁଥିଲେ, ତୋପ ଓ ମେସିନଗନ୍‌ର ସାମ୍ନା କରିବାକୁ ସେ ଅହିଂସାର ସାହାଯ୍ୟ ନେଉଥିଲେ। କିନ୍ତୁ ଗୁରୁତ୍ୱର ସହିତ ଚିନ୍ତା କରିବାର କଥା ଯେ, କାହିଁକି ସେ ଅହିଂସାର ସାହାଯ୍ୟ ନେଉଥିଲେ? କାରଣ ହିଂସା ବଳରେ ବ୍ରିଟିଶ ଶାସକଙ୍କ କବଳରୁ ଭାରତକୁ ପରାଧୀନତାରୁ ମୁକ୍ତ କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା ଏବଂ ମାନବ ଭିତରେ ପଶୁବଳ ଥିବା ପର୍ଯ୍ୟନ୍ତ ତାକୁ ମାନବର ଅଧିକାର ଦିଆଯାଇପାରିବ ନାହିଁ—ଏହି ବାର୍ତ୍ତା ସେ ସମାଜକୁ ଦେବାକୁ ଚାହୁଁଥିଲେ। ପ୍ରଥମ କଥା, ଦୁର୍ବଳ ଓ ନିଃସହାୟ ବ୍ୟକ୍ତିର ଅସ୍ତ୍ର ହେଉଛି ଅହିଂସା, ଯାହାର ଅର୍ଥ ହେଉଛି ତୋପର ଅଭାବ ହେତୁ ଆମକୁ ଅହିଂସା ପଥ ଗ୍ରହଣ କରିବାକୁ ପଡ଼ିବ। କିନ୍ତୁ ମାନବର ବିକାଶ କ୍ଷେତ୍ରରେ ଅହିଂସା ହେଉଛି ମୂଳ ଭିତ୍ତି। ଏହା ମାନବକୁ ଶୁଦ୍ଧ ହେବାରେ ସାହାଯ୍ୟ କରିଥାଏ।

ଏହା ସତ୍ୟ ଯେ, ଭାରତୀୟମାନେ ଗାନ୍ଧିଜୀଙ୍କ ନେତୃତ୍ୱରେ ଅହିଂସାକୁ ଏକମାତ୍ର ଅସ୍ତ୍ର ଭାବରେ ବ୍ୟବହାର କରି ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରୁଥିଲେ। ଏପରି କରିବାର କାରଣ ହେଲା, ସେତେବେଳେ ବ୍ରିଟିଶ ଶାସକଙ୍କୁ ସାମ୍ନା କରିବାକୁ ଆମ ନିକଟରେ ହିଂସା ମାର୍ଗରେ ଅସ୍ତ୍ର ଧରିବାର ପର୍ଯ୍ୟାପ୍ତ ସୁବିଧା ନଥିଲା। କିନ୍ତୁ ଗାନ୍ଧିଜୀ ଏହି ବିଚାରଧାରାକୁ ଗ୍ରହଣ କରିପାରୁ ନଥିଲେ। ବରଂ ଅହିଂସା ବଦଳରେ ହିଂସା ମାର୍ଗରେ ଭାରତକୁ ସ୍ୱାଧୀନ କରିବାର ସେ ପକ୍ଷପାତୀ ନଥିଲେ। ତାଙ୍କ ସମ୍ମୁଖରେ ଭାରତର ସ୍ୱାଧୀନତା ପ୍ରାପ୍ତି ହିଁ ବଡ଼ ଲକ୍ଷ୍ୟ ଥିଲା। ଗାନ୍ଧିଜୀ ଭାବୁଥିଲେ, ମାନବ ବିଶ୍ୱାସ କରିବା ଉଚିତ୍ ଯେ, ସେ ଯେଉଁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ପ୍ରୟାସୀ ତାହା କ୍ରୁର ଅସ୍ତ୍ର ଦ୍ୱାରା ସମ୍ଭବ ନୁହେଁ, ବରଂ ମାନବିକ ମୂଲ୍ୟବୋଧ ଦ୍ୱାରା ସମ୍ଭବ। କେବଳ ଦେଶବାସୀଙ୍କର କଷ୍ଟ ଉପଶମ କରିବା ନୁହେଁ, ବରଂ ସେମାନଙ୍କ ମଧ୍ୟରେ ରହିଥିବା ପାଶବିକ ପ୍ରବୃତ୍ତିକୁ ବିରୋଧ କରିବା ଗାନ୍ଧିଜୀଙ୍କର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା। ଘୃଣା, କ୍ରୋଧ ଓ ବିଚାରହୀନତା—ଏସବୁ ପଶୁମଧ୍ୟରେ ଦେଖାଯାଏ। ଏସବୁ ଭାବକୁ ସେମାନେ ପ୍ରତିପକ୍ଷକୁ ପ୍ରଦର୍ଶନ କରନ୍ତି। କିନ୍ତୁ ମାନବ ପଶୁଠାରୁ ଭିନ୍ନ। ତେଣୁ ସେ ତାହାର ଉଦ୍ଦାମପଣ ଓ ଉତ୍ତେଜିତ ଭାବକୁ ନିୟନ୍ତ୍ରଣ କରିବା ସହିତ ତା' ନିକଟରେ ଉପଲବ୍ଧ ସମ୍ବଳ ବିନିଯୋଗରେ ଦୈନନ୍ଦିନ ସମସ୍ୟାର ସମାଧାନ କରିବା ଉଚିତ୍; ଯାହା ପଶୁଙ୍କ ନିକଟରେ ନଥାଏ। ବର୍ତ୍ତମାନ ମନରେ ପ୍ରଶ୍ନ ଉଠେ, ଗାନ୍ଧିଜୀ କାହିଁକି ଏପରି ନିଷ୍ପତ୍ତି ନେଲେ ଓ କୌଣସି ଦେଶରେ ଅହିଂସା ଅସ୍ତ୍ରର ବ୍ୟବହାର ପୂର୍ବରୁ ଭାରତବର୍ଷରେ ଏହାର ଆରମ୍ଭ କଲେ? ଲୋକଙ୍କ ମନରେ ଏହି ଭାବନା ଆସିଲା ଯେ, ଏହା ଅପ୍ରତ୍ୟାଶିତ ଓ ହଠାତ୍। ଏକଥା ମଧ୍ୟ କୁହାଯାଏ ଯେ, ଅହିଂସା ଓ ଆଇନ ଅମାନ୍ୟ ସଂପର୍କରେ ଧାରଣା ପ୍ରସିଦ୍ଧ ଆମେରିକୀୟ ଚିନ୍ତକ ଥୋରୁ ଏବଂ ଋଷୀୟ ସନ୍ଥ ଓ ସାହିତ୍ୟିକ ଟଲଷ୍ଟୟଙ୍କ ମଧ୍ୟରେ ଦେଖା ଦେଇଥିଲା। ଗାନ୍ଧିଜୀ ଉଭୟ ଥୋରୁ ଓ ଟଲଷ୍ଟୟଙ୍କର ଏହି ଭାବନା ସହିତ ପୂର୍ବରୁ ପରିଚିତ ଥିଲେ। ଭାରତବର୍ଷରେ ଗାନ୍ଧିଜୀଙ୍କ ସମ୍ମୁଖରେ ଅରବିନ୍ଦ ଆଇନ ଅମାନ୍ୟ ଓ ଅସହଯୋଗ ଆନ୍ଦୋଳନ ଭାବନାର ପ୍ରସ୍ତାବ ରଖିଥିଲେ। ତଥାପି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି—କାହିଁକି ଏହାକୁ ପ୍ରଥମେ ଭାରତବର୍ଷରେ ପରୀକ୍ଷା କରାଗଲା?

ଏହାର ଉତ୍ତର ସ୍ପଷ୍ଟ ଯେ, ଆତ୍ମବଳ ଶାରୀରିକ ବଳ ଅପେକ୍ଷା ଶ୍ରେଷ୍ଠ ଅଟେ ଏବଂ ଏହା ଅନ୍ୟାନ୍ୟ ଦେଶର ଜନସାଧାରଣଙ୍କ ଅପେକ୍ଷା ଭାରତୀୟମାନେ ଭଲଭାବରେ ବୁଝନ୍ତି। ଥୋରୁ, ଟଲଷ୍ଟୟ, ଇମରସନ୍ କିମ୍ବା ରୋମାରୋଲାଁଙ୍କ ମଧ୍ୟରେ ଯେତେବେଳେ ଏହି ଭାବନା ଜାଗ୍ରତ ହୁଏ, ସେତେବେଳେ ଭାରତୀୟ ଦର୍ଶନରେ ରହିଥିବା ଆଇନ ଅମାନ୍ୟ ପ୍ରସଙ୍ଗ ମନକୁ ଆସିଥାଏ। ଯେଉଁମାନେ ଏହି ଭାବନା ସଂପର୍କରେ ଚିନ୍ତା କରିପାରନ୍ତି, ସେମାନଙ୍କର ଭାରତୀୟ ଦର୍ଶନ ସହିତ ସଂପୃକ୍ତି ରହିଛି ବୋଲି ବୁଝିବାକୁ ହେବ। ଭାରତୀୟ ଦର୍ଶନ ଓ ଆଇନ ଅମାନ୍ୟ—ଉଭୟ ଥୋରୁ ଓ ଟଲଷ୍ଟୟ ଠିକ୍ ଭାବରେ ବୁଝିପାରିଥିଲେ। ଆମେ ଭାରତୀୟ ଦାର୍ଶନିକ ଅରବିନ୍ଦଙ୍କ ମଧ୍ୟରେ ଏହି ଭାବନା ମଧ୍ୟ ଲକ୍ଷ୍ୟ କରୁ।

**ପ୍ରଶ୍ନାବଳୀ :**

*(a)* ସମଗ୍ର ବିଶ୍ୱ ଗାନ୍ଧିଜୀଙ୍କ ପ୍ରତି କାହିଁକି ଆକର୍ଷିତ ହେଲା?

*(b)* ସ୍ୱାଧୀନତା ପ୍ରାପ୍ତି ପାଇଁ ଅହିଂସାକୁ ଗାନ୍ଧିଜୀ କାହିଁକି ମୁଖ୍ୟ ଅସ୍ତ୍ର ଭାବରେ ବିଚାର କଲେ?

www.prepp.in

Prepp
Your Personal Exams Guide

(c) ଲେଖକଙ୍କ ମତରେ ମାନବ ଓ ପଶୁ ମଧ୍ୟରେ କି ପାର୍ଥକ୍ୟ ରହିଛି ?

(d) ଭାରତବର୍ଷରେ କାହିଁକି ଅହିଂସା ଆରମ୍ଭ ହୋଇଥିଲା ?

(e) ଆଇନ ଅମାନ୍ୟ ଧାରଣାରେ କିଏ ପହଞ୍ଚି ପାରନ୍ତି ?

**3.** ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ। ଏହି ଗଦ୍ୟାଂଶର ଏକ ନାମ ଦେବା ଅନାବଶ୍ୟକ। ସାରାଂଶଟିକୁ ନିଜ ଭାଷାରେ ଲେଖ : 60

ଇତିହାସ ଓ ସମୟ ସଂପର୍କରେ ନୀତି ନିୟମ ଜ୍ଞାନ ଅନ୍ୟ କୌଣସି କାଳ ଅପେକ୍ଷା ବର୍ତ୍ତମାନ ଯୁଗର ଆଧୁନିକ ମାନବ ଭଲଭାବରେ ଜାଣେ। ବାସ୍ତବ ଦୃଷ୍ଟିରୁ ସେ ଜଣେ ଐତିହାସିକ 'ବ୍ୟକ୍ତି'। ଗୋଟିଏ ଦୃଷ୍ଟିରୁ ଆମ ଇତିହାସ ଜ୍ଞାନ ଆଧୁନିକତାର ପର୍ଯ୍ୟାୟବାଚୀ। ମଧ୍ୟକାଳରେ ଯେଉଁ ଧର୍ମ କେନ୍ଦ୍ରବିନ୍ଦୁରେ ଥିଲା, ତାହା ଧୀରେ ଧୀରେ ଇତିହାସ ଗର୍ଭରେ ଲୀନ ହୋଇଯାଇଛି। ମାନବ ପ୍ରକୃତିର ପରିସର ମଧ୍ୟରେ ବାସ କରେ ନାହିଁ। ବରଂ ସେ ଇତିହାସର ପରିସର ମଧ୍ୟରେ ରହେ। ଏହି ଦୃଷ୍ଟିରୁ ପ୍ରତ୍ୟେକ ଘଟଣା ପୂର୍ବ ଘଟଣା ଅପେକ୍ଷା ନୂତନ ମନେହୁଏ। ଆଜି ଯେଉଁ ଘଟଣାମାନ ଘଟୁଛି, ତାହା ପୂର୍ବରୁ କେବେ ଘଟି ନଥିଲା। ଅତୀତର ଗ୍ରୀକ୍‌ବାସୀଙ୍କ ମଧ୍ୟରେ ମାନବ ଜ୍ଞାନର ଏହି କ୍ରମବିକାଶ ଅଜଣା ଓ ଆଶ୍ଚର୍ଯ୍ୟଜନକ ଥିଲା। ଭାରତୀୟ ଚିନ୍ତକମାନଙ୍କ କ୍ଷେତ୍ରରେ ଏହାମଧ୍ୟ ଆଶ୍ଚର୍ଯ୍ୟଜନକ କଥା ଥିଲା। ସେମାନେ ସମୟକୁ ସିଧାସଳଖ ନଭାବି ଗୋଲାକାର ଭାବୁଥିଲେ। ଅତୀତରେ ମାନବ ପରମ୍ପରା ଦ୍ୱାରା ପରିଚାଳିତ ହେଉଥିଲା। ଏହା ତା'ର ଜୀବନଶୈଳୀକୁ ଶୃଙ୍ଖଳିତ କରିଥିଲା। ବର୍ତ୍ତମାନ ଇତିହାସ ମଣିଷର ଭବିଷ୍ୟତକୁ ନିର୍ଦ୍ଧାରଣ କରୁଛି, ତାହାର ପରମ୍ପରାକୁ ସଂକୀର୍ଣ୍ଣ କରି ତାକୁ ପଶ୍ଚାଦ୍‌ଗାମୀ କରୁଛି।

ମାତ୍ର ଏହା ସତ୍ୟ ଯେ, ଆଜି ଆମେ ଇତିହାସର ଆଧିପତ୍ୟ ଓ ପ୍ରଭାବକୁ ଯେପରି ଅନୁଭବ କରୁଛୁ, ଅତୀତରେ ସେପରି କରୁନଥିଲୁ। ଏହା ମଧ୍ୟ ସତ୍ୟ ଯେ, ମଣିଷ ସମୟ ଓ ଇତିହାସ ଦ୍ୱାରା ବହୁ ଭାବରେ କ୍ଷତାକ୍ତ ହୋଇଛି। ଊନବିଂଶ ଶତକରେ ମାନବର ଇତିହାସ ଜ୍ଞାନ ସାର୍ବଜନୀନ ଶକ୍ତି ଦ୍ୱାରା ସଜ୍ଜିତ ହୋଇଥିଲା, ଯାହା ତାହାର ବିକାଶ ଓ ସୁରକ୍ଷାର ବାର୍ତ୍ତା ବହନ କରୁଥିଲା। କିନ୍ତୁ ସମୟକ୍ରମେ ଆମ ନିକଟରେ ଏହା ବିଦ୍ରୂପାତ୍ମକ ସଂଗୀତରେ ପରିଣତ ହୋଇଛି। ମାନବର ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ନୀତି ନିୟମ ଇତ୍ୟାଦି ଏବେ ମଧ୍ୟ ରହିଛି। ମାତ୍ର ତାହା ଅତ୍ୟଧିକ ଦୁଃଖ ଜଞ୍ଜାଳ ସହିତ ମିଥ୍ୟା ବିଶ୍ୱାସର ପ୍ରଭାବରେ ପ୍ରଭାବିତ ହୋଇ ଭବିଷ୍ୟତର ଦ୍ୱାର ନିକଟରେ ପହଞ୍ଚି ପାରୁନାହିଁ। ସୁତରାଂ ମାନବର ବୈଜ୍ଞାନିକ, ତାର୍କିକ ଏବଂ ଗୌରବମୟ ଜ୍ଞାନ ତାହାର ଭବିଷ୍ୟତକୁ ବିପଦପୂର୍ଣ୍ଣ, ଆତଙ୍କିତ ଏବଂ ଅନିଶ୍ଚିତ କରିଦେଇଛି।

କେବଳ ସେତିକି ନୁହେଁ, ଆମେ ଆମର ଭବିଷ୍ୟତ ସଂପର୍କରେ କୌଣସି କଥା ଜାଣୁନାହୁଁ। ଇତିହାସ ଜ୍ଞାନ ଦ୍ୱାରା ପ୍ରଭାବିତ ହୋଇ ଆଜିର ଆଧୁନିକ ମାନବ ସତ୍ୟାନୁସନ୍ଧାନ ଓ ସମ୍ଭାବନାକୁ ଆଧାର କରି ଭବିଷ୍ୟତ ଗଠନ କରିପାରେ। ମାତ୍ର ବର୍ତ୍ତମାନ ଯୁଗର ବିଭୀଷିକା ସହିତ ଭବିଷ୍ୟତର କୌଣସି ସଂପର୍କ ନାହିଁ। ବରଂ ଆମେ କହିପାରିବା ଯେ, ବର୍ତ୍ତମାନର ବିଭୀଷିକାରୁ ନିଜକୁ ରକ୍ଷା କରିବା ପାଇଁ ଆମେ ଆମର ଭବିଷ୍ୟତ ଗଠନ କରିପାରିବା। ଏହା ହୁଏତ ଶ୍ରେଣୀହୀନ ସମାଜର ସ୍ୱପ୍ନ କିମ୍ବା କମ୍ପ୍ୟୁଟର ନିର୍ଦ୍ଧାରିତ ଯାନ୍ତ୍ରିକ ପୃଥିବୀର 'ରୋବୋଟ' ହୋଇପାରେ। ଏଥିରେ କୌଣସି ପାର୍ଥକ୍ୟ ନାହିଁ। ଆମେ ଏକ ବାସ୍ତବ ସମୟ ପରିବର୍ତ୍ତେ ଏକ କାଳ୍ପନିକ ସମୟ ମଧ୍ୟରେ ବାସ କରୁଛୁ। ଆହୁରି ଆଶ୍ଚର୍ଯ୍ୟର କଥା ଯେ, ମାନବ ନିକଟରୁ ମୃତ୍ୟୁ ଅଦୃଶ୍ୟ ହୋଇଯାଇଛି। କାରଣ ଆମେ ନିର୍ଭୟ ଭାବରେ ମୃତ୍ୟୁକୁ ଭୟ ନକରି ଭବିଷ୍ୟତର ଆଶ୍ରୟ ନେଉଛୁ।

ଏହାକୁ ଏକ ପକ୍ଷରେ ଆଧୁନିକ ଯୁଗର ବ୍ୟଙ୍ଗୋକ୍ତି ଓ ଅନ୍ୟ ପକ୍ଷରେ ଆଜିର ମାନବର ଇତିହାସ ଜ୍ଞାନ ପ୍ରତି ଭୟଭୀତ ଭାବ ବୋଲି ବିଚାର କରାଯାଇପାରେ। ମୃତ ଅତୀତ, କାଳ୍ପନିକ ଭବିଷ୍ୟତର ଇତିହାସ ଓ ଜୀବନଧାରା ଶୁଷ୍କ। ମାନବ ଜଳରେ ବୁଡ଼ି ରହିଲେ ମଧ୍ୟ ଯେପରି ଜଳ ସହିତ ନିଜକୁ ସଂଶ୍ଳିଷ୍ଟ କରିପାରେ ନାହିଁ, ସେହିପରି ଇତିହାସ ସହିତ ସଂପୃକ୍ତ ରହିଲେ ମଧ୍ୟ ସେ ସମୟର ଗୁରୁତ୍ୱ ଅନୁଭବ କରିପାରେ ନାହିଁ। ସେ ଇତିହାସ ଦ୍ୱାରା ପ୍ରଭାବିତ ହୋଇପାରେ ନାହିଁ କିମ୍ବା ଜୀବନ ଓ ମୃତ୍ୟୁର ସାକ୍ଷୀ ମଧ୍ୟ ହୋଇପାରେ ନାହିଁ। ଯେଉଁ ପୃଥିବୀରେ ଇତିହାସ ମଣିଷର ସାକ୍ଷୀ ହୋଇପାରେ ନାହିଁ, ସେହି ପୃଥିବୀ ଅର୍ଥହୀନ। ସେଥିପାଇଁ ଆଜି ଇତିହାସ ଜ୍ଞାନ ମାନବ ନିକଟରେ ଅନ୍ଧବିଶ୍ୱାସରେ ପରିଣତ ହୋଇଛି ଓ ସେ ବର୍ତ୍ତମାନରୁ ମୁକ୍ତି ପାଇବା ପାଇଁ ଭବିଷ୍ୟତ ଅନ୍ୱେଷଣରେ ଚାହିଁଛି।

ମାତ୍ର ମାନବକୁ ବର୍ତ୍ତମାନଠାରୁ ମୁକ୍ତି ପାଇବା କ'ଣ ସମ୍ଭବ ? ମାନବ ପାଇଁ ବର୍ତ୍ତମାନ ସମୟ ଏକ କେନ୍ଦ୍ରବିନ୍ଦୁ, ଯାହାର ଏକ ଦିଗରେ ସେ ମରଣଶୀଳ ଓ ଅନ୍ୟ ଦିଗରେ ସେ ଇତିହାସ ମଧ୍ୟରେ ବଞ୍ଚି ରହିଛି। ଯଦିଓ ତାହାର ଭାଗ୍ୟ ଅତୀତର ଭିତ୍ତି ଉପରେ ଦଣ୍ଡାୟମାନ, ତଥାପି ତାହାର ଭବିଷ୍ୟତକୁ ତାହାରି ମଧ୍ୟରେ ସେ ଆଲୋକିତ କରି ଅନ୍ୟମାନଙ୍କୁ ଏହା ସହିତ ଯୋଡ଼ିବାକୁ ଚେଷ୍ଟା କରିଥାଏ।

www.prepp.in

Prepp
Your Personal Exams Guide

**4.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

ଆଧୁନିକ ଯୁଗ ହେଉଛି ସୂଚନା ଓ ଯାନ୍ତ୍ରିକ ଯୁଗ। ବିଜ୍ଞାନ କ୍ଷେତ୍ରରେ ଆଧୁନିକ ଉଦ୍‌ଭାବନର ଅନ୍ୟତମ ଅଙ୍ଗ ହେଉଛି ସୂଚନା ଓ ଯାନ୍ତ୍ରିକ ବିଜ୍ଞାନ, ଯାହା ମାନବ ଜାତିକୁ ସମୃଦ୍ଧ କରିଛି ଏବଂ ତା' ପାଇଁ ଆଶ୍ଚର୍ଯ୍ୟଜନକ ସଫଳତା ଆଣି ଦେଇଛି। ବୈଜ୍ଞାନିକ ଉପକରଣ ସାହାଯ୍ୟରେ ଆମେ ପୃଥିବୀର ଯେକୌଣସି ଏକ ସ୍ଥାନରେ ବସି ଏହି ଯୋଗୁ ସୂଚନା ପାଇପାରୁଛୁ। ସୂଚନା ପାଇବାର ସୁବିଧା ହେତୁ ଦେଶ ଦେଶ ମଧ୍ୟରେ ଦୂରତା କମିଯାଇଛି। ଏଥିରୁ ମନେହେଉଛି, ସମଗ୍ର ପୃଥିବୀ ଯେପରି ଆମ ହାତମୁଠାକୁ ଚାଲିଆସିଛି। ବିଜ୍ଞାନର ଅଗ୍ରଗତି ହେତୁ ବିଶ୍ୱଗ୍ରାମ ଓ 'ବସୁଧୈବ କୁଟୁମ୍ବକମ୍' ଭାବ ଆମ ମଧ୍ୟରେ ସୃଷ୍ଟି ହୋଇଛି।

ଆମେ ସେହି ଯୁଗକୁ ମନେପକାଇବା ଉଚିତ୍, ଯେତେବେଳେ ଡାକରେ ଚିଠିଟିଏ ଆସିବାର ସୁବିଧା ସୁଯୋଗ ନଥିଲା। ସେତେବେଳେ ବାର୍ତ୍ତାବାହକ ଦ୍ୱାରା ସୂଚନା ପ୍ରେରଣ କରାଯାଉଥିଲା। ସେଥି ପାଇଁ ବହୁ ସମୟ ଲାଗୁଥିଲା। ସେ କାଳରେ ଜୀବନ କେତେ କଷ୍ଟକର ଥିଲା, ଆଜି ତାହା ଅନୁମାନ କରିହେଉ ନାହିଁ। ଆଜି ସମୟରେ ପରିବର୍ତ୍ତନ ଆସିଛି ଓ ପ୍ରତିଦିନ ନୂଆ ନୂଆ ପରୀକ୍ଷା ଚାଲିଛି। ଡାକ, ତାର ଓ ଟେଲିଫୋନ୍ ବ୍ୟବସ୍ଥାରେ ବିକାଶ ଘଟିଛି। ଏକଦା ଖବର ଚିଠି ଦ୍ୱାରା ପଠାଯାଉଥିଲା। ଜୀବନ ଆଜି ଗତିଶୀଳ ହୋଇଛି। ରେଡିଓ, ଟେଲିଭିଜନ ଆଦି ଆଗକୁ ଅଗ୍ରଗତି କରିଛନ୍ତି। କମ୍ପ୍ୟୁଟରର ଆଗମନ ଫଳରେ ସୂଚନା କ୍ଷେତ୍ରରେ ନୂଆ ବିପ୍ଳବ ସୃଷ୍ଟି ହୋଇଛି। ଇଣ୍ଟରନେଟ୍‌ର ବିକାଶ ହେତୁ କମ୍ପ୍ୟୁଟରଗୁଡ଼ିକ ପରସ୍ପର ସଂଯୋଗ ହୋଇ ଯୋଗାଯୋଗ ବ୍ୟବସ୍ଥାକୁ ସହଜ ଓ ଗତିଶୀଳ କରିଛି। ଏହି ହେତୁ ବର୍ତ୍ତମାନ ଯୁଗରେ ହେଉଥିବା ନୂଆ ପରିବର୍ତ୍ତନର ସୂଚନା ଆମେ ଶୀଘ୍ର ପାଇପାରୁଛୁ। ଆଜି ବ୍ୟକ୍ତି ନିଜ ପ୍ରସ୍ତୁତ ଦ୍ରବ୍ୟକୁ ସହଜରେ ପୃଥିବୀର ପ୍ରତ୍ୟେକ ସ୍ଥାନରେ ବିଜ୍ଞାପନ ମାଧ୍ୟମରେ ପହଞ୍ଚାଇ ପାରୁଛି। ଆଜି ପୃଥିବୀର ପ୍ରତ୍ୟେକ ଗୃହ ଓ କାର୍ଯ୍ୟାଳୟରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ସୁବିଧା ଉପଲବ୍ଧ ହେଉଛି। କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସାହାଯ୍ୟରେ ବିମାନ, ରେଳ, ବସ୍, ସିନେମା ଇତ୍ୟାଦିର ଟିକେଟ୍ କିଣାଯାଇପାରୁଛି। ସଂରକ୍ଷଣର ସ୍ଥିତି ଜାଣିହେଉଛି। ରାସ୍ତାଘାଟ ଓ ପରିବହନ ବ୍ୟବସ୍ଥା ସଂପର୍କରେ ମଧ୍ୟ ସୂଚନା ମିଳୁଛି। ଘରେ ବସି ଆମେ ଆଜି ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ମାଧ୍ୟମରେ କୌଣସି ଜିନିଷ କିଣିବାକୁ ନିର୍ଦ୍ଦେଶ ଦେଇପାରୁଛୁ। ବାସ୍ତବ ଅର୍ଥରେ ଯୋଗାଯୋଗ ଓ ସୂଚନା ବ୍ୟବସ୍ଥାର ଏହା ହେଉଛି ସବୁଠାରୁ ଶସ୍ତା ମାଧ୍ୟମ।

**5.** ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : 20

Democracy stands much superior to any other form of government in promoting dignity and freedom of the individual. Every individual wants to receive respect from fellow beings. Often conflicts arise among individuals because some feel that they are not treated with due respect. The passion for respect and freedom are the basis of democracy. Democracies throughout the world have recognized this, at least in principle. This has been achieved in various degrees in various democracies. For societies which have been built for long on the basis of subordination and domination, it is not a simple matter to recognize that all individuals are equal.

Take the case of dignity of women. Most societies across the world were historically male dominated societies. Long struggles by women have created some sensitivity today that respect to and equal treatment of women are necessary ingredients of a democratic society. That does not mean that women are actually always treated with respect. But once the principle is recognized, it becomes easier for women to wage a struggle against what is now unacceptable legally and morally.

**6.** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 40

*(a)* ବ୍ୟାସବାକ୍ୟ ସହ ସମାସର ନାମ ଲେଖ : 2×4=8

*(i)* କାଠପୋଲ

*(ii)* ଲମ୍ବୋଦର

*(iii)* ରାଧାକୃଷ୍ଣ

*(iv)* ପ୍ରତିଦିନ

www.prepp.in

Prepp
Your Personal Exams Guide

*(b)* ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 2×4=8

*(i)* ଅତି ଲେମ୍ବୁ ଚିପୁଡ଼ିଲେ ପିତା

*(ii)* ଫସର ଫାଟିବା

*(iii)* ଓଳିଆରୁ ପଡ଼ି ଗଲା

*(iv)* ଛାତି ପଥର କରିବା

*(c)* ସନ୍ଧିବିଚ୍ଛେଦ କର : 2×4=8

*(i)* ସପ୍ତର୍ଷି

*(ii)* ବାରଣା

*(iii)* ପରିଚ୍ଛେଦ

*(iv)* ଉଚ୍ଛେଦ

*(d)* ଭ୍ରମ ସଂଶୋଧନ କର : 2×4=8

*(i)* ମନଭାବ

*(ii)* ତିରିଣ

*(iii)* ଆବିଷ୍କାର

*(iv)* ଉତ୍କର୍ଷତା

*(e)* ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷ୍ୟ ପଦକୁ ଚିହ୍ନାଇ ଦିଅ : 2×4=8

*(i)* ଗାନ୍ଧୀ ଅହିଂସାର ପୂଜାରୀ ଥିଲେ

*(ii)* କାବେରୀକୁ ଦକ୍ଷିଣ ଭାରତର ଗଙ୍ଗା କୁହାଯାଏ

*(iii)* ସୁନା ଏକ ମୂଲ୍ୟବାନ୍ ଧାତୁ

*(iv)* ଭାରତର ରାଜଧାନୀ ଦିଲ୍ଲୀ

★ ★ ★